# ବିଜ୍ଞପ୍ତି

## ଓଡ଼ିଶା ଲଳିତ କଳା ଏକାଡେମୀ
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
## ଓଡ଼ିଶା ସରକାର

ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରଥମ କରି
ଓଡ଼ିଶାର ଯୁବ ଶିଳ୍ପୀମାନଙ୍କୁ ପ୍ରୋସାହିତ କରିବା ପାଇଁ ୧୩ ଗୋଟି ବିଭାଗରେ

**"ଯୁବ ପୁରସ୍କାର"**

ସହିତ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି

ଏବଂ

ଶିଶୁମାନଙ୍କ କଳାର ବିକାଶ ପାଇଁ ୩ଟି ବର୍ଗରେ ୧୫ ଗୋଟି

**"ଶିଶୁ ପ୍ରତିଭା ପୁରସ୍କାର"**

ସହ ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଏଥିପାଇଁ ନିୟମାବଳୀ ଓ ଆବେଦନ ଫର୍ମ ଓଡ଼ିଶା ଲଳିତ କଳା ଏକାଡେମୀ ୱେବସାଇଟ୍‌ରେ ଉପଲବ୍ଧ ।

ଯୁବ ଶିଳ୍ପୀ ପୁରସ୍କାରରେ ଭାଗ ନେବା ପାଇଁ ଶିଳ୍ପୀଙ୍କ ବୟସ ୧୮ ବର୍ଷରୁ ୪୦ ବର୍ଷ ହୋଇଥିବା ଆବଶ୍ୟକ ଏବଂ ଶିଶୁ ପୁରସ୍କାର ପାଇଁ ୪ ବର୍ଷରୁ ୭ବର୍ଷ ଉପ-କନିଷ୍ଠ ବର୍ଗ, ୮ ବର୍ଷରୁ ୧୨ ବର୍ଷର କନିଷ୍ଠ ବର୍ଗ ଓ ୧୩ ବର୍ଷରୁ ୧୭ ବର୍ଷ ବରିଷ୍ଠ ବର୍ଗରେ ଅଂଶ ଗ୍ରହଣ କରିପାରିବେ ।

ନିର୍ଦ୍ଧାରିତ ଫର୍ମ ( ଆବେଦନ ପତ୍ର) ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ କରି ଇଚ୍ଛୁକ ଶିଳ୍ପୀ ପ୍ରାର୍ଥୀ / ପ୍ରାର୍ଥୀନୀ ଏକାଡେମୀ କାର୍ଯ୍ୟାଳୟରେ ତା. ୧୧.୧୨.୨୦୨୩ ରିଖରୁ ତା. ୨୬.୧୨.୨୦୨୩ ରିଖ ସୁଦ୍ଧା ଆବେଦନ ପତ୍ର ଡାକ ଦ୍ୱାରା କିମ୍ବା ଏକାଡେମୀ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ଦାଖଲ କରିବା ହେବେ । ଧାର୍ଯ୍ୟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ସ୍ୱାକ୍ଷର
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

**ଓଡ଼ିଶା ଲଳିତ କଳା ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ଦୂରଭାଷ - ୦୬୭୪-୨୪୩୧୬୧୧, ୨୪୩୧୬୧୨
Website - www. odishalalitkalaakademi.org
Email - odishalka1962@gmail.com

# ଓଡ଼ିଶା ଲଳିତ କଳା ଏକାଡ଼େମୀ

# ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ , ଓଡ଼ିଶା ସରକାର

## "ଶିଶୁ ପ୍ରତିଭା ପୁରସ୍କାର " ନିୟମାବଳୀ

**୧.** ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ପ୍ରତିବର୍ଷ ପିଲାମାନଙ୍କ ମଧ୍ୟରୁ ଚିତ୍ରକଳା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ **"ଶିଶୁ ପ୍ରତିଭା ପୁରସ୍କାର"** ପ୍ରଦାନ କରାଯିବ ।

**୨.** ବୟସ ଅନୁସାରେ ୩ ଟି ଶ୍ରେଣୀରେ ବିଭକ୍ତ କରାଯିବ । (ପ୍ରମାଣ ପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବେ)

(କ)୪ ବର୍ଷରୁ ୭ ବର୍ଷ -- ଉପ କନିଷ୍ଠ ବର୍ଗ (Sub Junior)

(ଖ)୮ ବର୍ଷରୁ ୧୨ ବର୍ଷ -- କନିଷ୍ଠ ବର୍ଗ (Junior)

(ଗ)୧୩ ବର୍ଷରୁ ୧୭ ବର୍ଷ -- ବରିଷ୍ଠ ବର୍ଗ (Senior)

**୩.** ଶିଶୁ ଶିଳ୍ପୀ ମାନେ ଆବେଦନ ପତ୍ର ଜରିଆରେ ନିଜ ଚିତ୍ରକଳାର ୨ ଟି ଫଟୋଗ୍ରାଫ ଏବଂ ଜୀବନାବଳୀ ଏକାଡ଼େମୀକୁ ପ୍ରଦାନ କରିବେ ।

**୪.** ୨ ଟି ପର୍ଯ୍ୟାୟରେ ଚୟନ କମିଟି ଦ୍ୱାରା ଶିଳ୍ପୀଙ୍କୁ ଚୟନ କରାଯିବ ।

**୫.** ପ୍ରଥମ ପର୍ଯ୍ୟାୟରେ ଶିଳ୍ପୀଙ୍କ ଆବେଦନ ପତ୍ର ଓ କଳାକୃତିର ଫଟୋ ତନଖି ଚୟନ କମିଟି ଦ୍ୱାରା ପ୍ରତି ବର୍ଗରୁ ୧୦ ଜଣ ହିସାବରେ ମୋଟ ୩୦ ଜଣଙ୍କ ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ ।

**୬.** ସଂକ୍ଷିପ୍ତ ତାଲିକାର ଶିଳ୍ପୀମାନଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜିତ ହେବ ।

**୭.** ପ୍ରତିଯୋଗିତାର ଚିତ୍ର ଗୁଡିକ ଚୂଡ଼ାନ୍ତ ବା ୨ ୟ ଚୟନ କମିଟି ଦ୍ୱାରା ତନଖି ଶ୍ରେଷ୍ଠ ୧୫ ଜଣ ଶିଳ୍ପୀଙ୍କୁ (ପ୍ରତି ବର୍ଗରୁ ୫ ଜଣ ଲେଖାଏଁ) ପୁରସ୍କାର ପ୍ରଦାନ କରାଯିବ । ଶିବିରରେ ଅଂଶଗ୍ରହଣକାରୀ ପ୍ରତ୍ୟେକ ଶିଳ୍ପୀଙ୍କୁ ଯାତାୟାତ ଓ ରହଣୀ ବାବଦକୁ ଟ. ୩,୦୦୦/- ଲେଖାଏଁ ପ୍ରଦାନ କରାଯିବ ।

**୮.** ଆବେଦନକାରୀଙ୍କ କୌଣସି ସମ୍ପର୍କୀୟ ଓଡ଼ିଶା ଲଳିତ କଳା ଏକାଡେମୀର କର୍ମଚାରୀ କିମ୍ବା ସଦସ୍ୟ ନଥିବେ । (ଆବେଦନ ପତ୍ର ସହ ଏକ ଘୋଷଣା ପତ୍ର ସଂଲଗ୍ନ କରିବେ)

**୯.** ଚୟନ କମିଟି ଗଠନ ପ୍ରଣାଳୀ:-

**(କ) ଚୟନ କମିଟି ୫ ଜଣଙ୍କୁ ନେଇ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତି କ୍ରମେ ଗଠନ କରାଯିବ ।**

**(ଖ) ଅନ୍ୟ ୩ ଜଣ ସଦସ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତି ଦ୍ୱାରା ମନୋନୀତ କରାଯିବ । ଆନ୍ତର୍ଜାତୀୟ ବା ଜାତୀୟ ବା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିଳ୍ପୀଙ୍କୁ କେବଳ ଚୟନ କମିଟିର ସଦସ୍ୟ ରୂପେ ମନୋନୀତ କରାଯିବ । ଓଡ଼ିଶା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ କମିଟି ବା ସାଧାରଣ ପରିଷଦର ସଭ୍ୟ/ ସଭ୍ୟା ବା ଅନ୍ୟ ରକ୍ତ ସମ୍ପର୍କୀୟ ହୋଇନଥିବା ଆବଶ୍ୟକ ।**

**(ଗ) ଚୟନ କମିଟିର ସଦସ୍ୟମାନେ ସେମାନଙ୍କର ପରିବାର ସଦସ୍ୟ (ବିବାହିତ ପୁଅ ବା ଝିଅ) ପ୍ରତିଯୋଗିତାରେ ଅଂଶଗ୍ରହଣ କରିନଥିବା ଆବଶ୍ୟକ । ସେଥିପାଇଁ ସେମାନଙ୍କୁ ଚୟନ ବୈଠକ ପୂର୍ବରୁ ଏକ ଘୋଷଣା ନାମା ଏକାଡେମୀ ସଚିବଙ୍କୁ ପ୍ରଦାନ କରିବା ଆବଶ୍ୟକ ।**

**(ଘ) ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ଚୟନ କମିଟି ସଦସ୍ୟମାନଙ୍କୁ ଟ. ୫,୦୦୦/- ଲେଖାଏଁ ମାନଦେୟ ପ୍ରଦାନ କରାଯିବ ।**

**୯.** ପ୍ରତି ପୁରସ୍କାରର ମାନଦେୟ ୨୦,୦୦୦/- (କୋଡିଏ ହଜାର ଟଙ୍କା ମାତ୍ର) ଅର୍ଥରାଶି ସହ ପ୍ରମାଣ ପତ୍ର ଓ ତାମ୍ରଫଳକ ଆଦି ପ୍ରଦାନ କରାଯିବ ।

**୧୦.** ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମେ ରେ ଅତିଥିମାନଙ୍କ ଦ୍ୱାର ପୁରସ୍କାର ବିତରଣ କରାଯିବ ।

**୧୧.** ଏହି ଅବସରରେ ଏକ ରଙ୍ଗୀନ ପୁସ୍ତିକା ପ୍ରକାଶିତ ହେବ ।

**୧୨.** ଚୟନ କମିଟିର ନିଷ୍ପତିହିଁ ଚୂଡ଼ାନ୍ତ ।

**୧୩.** ଏହି ପୁରସ୍କାର ନିମନ୍ତେ ଖବର କାଗଜ ମାଧ୍ୟମରେ ବିଜ୍ଞାପନ ଜରିଆରେ ଆବେଦନ ସମ୍ବନ୍ଧୀୟ ବିବରଣୀ ପ୍ରକାଶିତ ହେବା ସହ ଏକାଡ଼େମୀର ୱେବସାଇଟ www.odishalalitkalaakademi.org ରେ ଉପଲବ୍ଧ ହେବ ।

ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

# ଓଡ଼ିଶା ଲଳିତ କଳା ଏକାଡେମୀ
## "ଶିଶୁ ପ୍ରତିଭା ପୁରସ୍କାର" : ୨୦୨୩ -୨୪
## ଆବେଦନ ପତ୍ର

୧. ଶିଶୁ ଶିକ୍ଷୀଙ୍କ ନାମ: ............................................................... ବର୍ଗ ....................

| |
|---|
| ନିଜ ସ୍ୱାକ୍ଷର ସହ ପାସ୍ ପୋର୍ଟ ସାଇଜ ଫଟୋଗ୍ରାଫ ଆଟଚ କରିବା ହେବେ |

୨. ଜନ୍ମ ତାରିଖ: ............/.........../............ ବୟସ: ......................................
(ଜନ୍ମଗତ ପ୍ରମାଣ ପତ୍ର ସଂଲଗ୍ନ ଆବଶ୍ୟକ) (ତା ୦୧.୦୪.୨୦୨୩ ରିଖ ସୁଦ୍ଧା)

୩. ପିତାଙ୍କ ନାମ: ..........................................................................................

୪. ମାତାଙ୍କ ନାମ: ..........................................................................................................................

୫. ଲିଙ୍ଗ: ☐ ପୁଅ ☐ ଝିଅ

୬. ଠିକଣା: ଗ୍ରାମ/ସହର: .................................. ପୋଷ୍ଟ: ........................... ଜିଲ୍ଲା: ............................

ପିନ କୋଡ: .......................... ମୋବାଇଲ ନମ୍ବର: .......................................................

ଇ-ମେଲ: ...................................................................................................................

୭. ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନ ନାମ ଓ ଠିକଣା: ..........................................................................

(ଯଦି ପାଠ ପଢୁଥାନ୍ତି, ଶ୍ରେଣୀର ବିବରଣୀ) ..........................................................................

୮. ଚିତ୍ରକଳା ସମ୍ପର୍କରେ:- ୧. (କ) ବିଷୟ: ............................................. (ଖ) ମାଧ୍ୟମ: ..................................

(ଗ) ଆକାର: ................................................................................................

୨. (କ) ବିଷୟ: ............................................. (ଖ) ମାଧ୍ୟମ: ..................................

(ଗ) ଆକାର: ................................................................................................

୯. କଳାକୃତିର ୨ ଟି ଫଟୋଗ୍ରାଫ (୭"x୫") ଆବେଦନ ପତ୍ର ସହ ସଂଲଗ୍ନ କରିବେ ।

ଆବେଦନକାରୀଙ୍କ ସ୍ୱାକ୍ଷର

ବି.ଦ୍ର:- ୧. ଆବେଦନ ପତ୍ର ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ ।

୨. ଆବେଦନ ପତ୍ର ପଞ୍ଜୀକୃତ ଡାକଦ୍ୱାରା ବା ବ୍ୟକ୍ତିଗତ ଭାବରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ । ସମୟସୀମା ବାହାରେ ପ୍ରାପ୍ତ ଆବେଦନ ପତ୍ର ବିଚାର ଯୋଗ୍ୟ ହେବ ନାହିଁ ।

କ୍ରମଶ...

୩. ଉପକନିଷ୍ଠ ବର୍ଗ (Sub-Junior)ବୟସ ସୀମା ୪ ବର୍ଷରୁ ୭ ବର୍ଷ, କନିଷ୍ଠ ବର୍ଗ (Junior) ବୟସ ସୀମା ୮ ବର୍ଷରୁ ୧୨ ବର୍ଷ, ବରିଷ୍ଠ ବର୍ଗ (Senior) ବୟସ ସୀମା ୧୩ ବର୍ଷରୁ ୧୭ ବର୍ଷ ବୟସ ହୋଇଥିବା ଆବଶ୍ୟକ ।

୪. ପ୍ରତ୍ୟେକ ଆବେଦନକାରୀ ତାଙ୍କର କୌଣସି ପରିବାର ସଦସ୍ୟ ଏକାଡେମୀର କର୍ମଚାରୀ ବା ପରିଚାଳନା କମିଟି ସଦସ୍ୟ/ ସଦସ୍ୟା ହୋଇନଥିବା ସମ୍ବନ୍ଧୀୟ ଏକ ଘୋଷଣା ନାମା ସଂଲଗ୍ନିତ କରିବା ହେବେ ।

ଅବେଦନକାରୀଙ୍କ ସ୍ୱାକ୍ଷର

<u>ଶିଶୁ ପ୍ରତିଭା ପୁରସ୍କାର ପାଇଁ ଅଭିଭାବକଙ୍କ ଘୋଷଣା ନାମା</u>

ମୁଁ ଶ୍ରୀମତୀ/ ଶ୍ରୀ ...................................................................... ପ୍ରକାଶ କରୁଅଛି ଯେ, ଆମ୍ଭର ପୁତ୍ର/ କନ୍ୟା ଶ୍ରୀମତୀ/ ଶ୍ରୀ ............................................................. ଶିଶୁ ପ୍ରତିଭା ପୁରସ୍କାର ପାଇଁ ଆବେଦନକାରୀ ଅଟନ୍ତି । ଆମ୍ଭ ପରିବାରର କୌଣସି ସଦସ୍ୟା/ ସଦସ୍ୟ ଏକାଡେମୀର କର୍ମଚାରୀ ନୁହନ୍ତି ବା ପରିଚାଳନା କମିଟିର ସଦସ୍ୟା/ ସଦସ୍ୟ ମଧ୍ୟ ନୁହନ୍ତି । ଏହା ମିଥ୍ୟା ପ୍ରମାଣିତ ହେଲେ ଉକ୍ତ ଆବେଦନ ପତ୍ରଟି ଖାରଜ କରାଯିବ ବୋଲି ଘୋଷଣା କରୁଅଛି ।

ଅଭିଭାବକଙ୍କ ସ୍ୱାକ୍ଷର